# Akashvani, Sambalpur

## SAMBALPURI NEWS EVENING BULLETIN

**8 December 2025- 7.02 pm- 7.12 pm.**

*******************************************

୧- ସ୍ୱାଧୀନତା ଆନ୍ଦୋଲନ୍ ସମିଆଥି ବନ୍ଦେ ମାତରମ୍ ମନ୍ତ୍ର ସାରାଦେଶ୍‌କେ ବଫୁ ଦେଇଥିଲା କହେଲେ ପ୍ରଧାନ୍‌ମନ୍ତ୍ରୀ ।

- ଲୋକ୍‌ସଭା ନ ବନ୍ଦେ ମାତରମ୍‌ର ଶହେ ୫୦ ବଛର୍ ପୂର୍ତି ଉଧେ ହେଇଥିବା ଆଲୋଚନା ହେଲା ମୁଲ୍ ।

୨- ବିଧାନ୍‌ସଭା ନ ଇ ଆର୍ଥିକ୍ ବଛର୍‌ର୍ ଅତିରିକ୍ତ ବ୍ୟୟମଞ୍ଜୁରୀ ବିଧେୟକ୍ ଉପ୍‌ରେ ଚାଲିଛେ ଆଲୋଚନା ।

୩- କଟକ୍ ବାର୍‌ବାଟୀ ଷ୍ଟାଡ଼ିୟମ୍ ନ ଆଏବା କାଏଲ୍ ଖେଲାଯିବା ଭାରତ୍ ଆଉ ଦକ୍ଷିଣ ଆଫ୍ରିକା ଭିତ୍‌ରେ ଟି-ଟ୍ୱେଂଟି କ୍ରିକେଟ୍ ମେଚ୍ ।

- ଷ୍ଟାଡ଼ିୟମ୍ ନ ଅଭ୍ୟାସ୍ କଲେ ଦୁହି ଦଲ୍ ।

ଆଉର୍

୪- ବଲାଙ୍ଗିର୍ ଫଲ୍ ବଜାର୍ ନ ନିଆଁ ଲାଗିକରି ଜଳିଗଲା ୫୦ ନୁ ଅଏତ୍‌କା ଦୁକାନ୍ ।

ବନ୍ଦେ ମାତରମ୍-ପ୍ରଧାନ୍‌ମନ୍ତ୍ରୀ        ଏନ୍‌ଏସ୍‌ଡି

ସ୍ୱାଧୀନତା ଆନ୍ଦୋଲନ୍ ସମିଆଥି ବନ୍ଦେ ମାତରମ୍ ମନ୍ତ୍ର ସାରାଦେଶ୍‌କେ ତାକତ୍ ଦେଇକରି ତହଁକେଇଥିଲା ଆଉ ଆନ୍ଦୋଲନ୍‌କେ ବର୍‌କସ୍ କରିଥିଲା ବଲି ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ । ଲୋକ୍‌ସଭା ନ ଆଏଜ୍ ରାଷ୍ଟ୍ରଗୀତ୍ ବନ୍ଦେ ମାତରମ୍‌ର ଶହେ ୫୦ ବଛର୍ ପୂର୍ତି ଅବ୍‌ସରେ ଖାସ୍ ଆଲୋଚନା ମୁଲ୍ କରିକରି ପ୍ରଧାନ୍‌ମନ୍ତ୍ରୀ ଶ୍ରୀ ମୋଦୀ କହିଛନ୍, ଇ ଅବ୍‌ସର୍ ସେ ମହାନ୍ ସମିଆର୍ ଗୌରବ୍‌କେ ଫେର୍‌ଘାଏ ସ୍ଥାପିତ୍ କର୍‌ବାର୍ ଗୁଟେ ସୁଯୋଗ୍ ଆଏ । ଆଝିର୍ ଇ ପବିତ୍ର ଦିନେ ବନ୍ଦେ ମାତରମ୍‌କେ ସୋର୍ କର୍‌ବାର୍‌ଟା ଇ ଗୃହର୍ ସବୁ ସଦସ୍ୟ ଆଉ ଦେଶ୍‌ବାସୀଙ୍କର୍ ଲାଗି ସୌଭାଗ୍ୟର୍ ବିଷୟ ଆଏ ବଲି ପ୍ରଧାନ୍‌ମନ୍ତ୍ରୀ କହିଛନ୍ ।

(ଭଏସ୍ ଓଭର୍- ପ୍ରଧାନ୍‌ମନ୍ତ୍ରୀ)

ପ୍ରଧାନ୍‌ମନ୍ତ୍ରୀ କହିଛନ୍, ବନ୍ଦେ ମାତରମ୍ ଖାଲି ରାଜନୈତିକ୍ ସ୍ୱାଧୀନତା ଲାଗି ଗୁଟେ ମନ୍ତ୍ର ନୁହେଁ, ଇଟା ଭାରତ୍‌ମାତାକେ ଉପନିବେଶ୍ ବାଦ୍‌ନୁ ମୁକ୍‌ଲାବାର୍ ଲାଗି ପବିତ୍ର ଯୁଦ୍ଧ ଧ୍ୱନି ଥିଲା । ଆଲୋଚନାଥି ଭିନ୍ ଭିନ୍ ଦଲର୍ ସଦସ୍ୟମାନେ ଭିଲ୍ ଭାଗ୍ ନେଇଥିଲେ ।

ବିଧାନ୍‌ସଭା-ବ୍ୟୟମଞ୍ଜୁରୀ ବିଲ୍ ଭୁବ୍‌ନେଶ୍ୱର୍

ସମ୍ବାଦଦାତା

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ବିଧାନ୍‌ସଭା ନ ଆଏଜ୍ ଉପର୍‌ବେଲା ୨୦୨୫-୨୬ ଆର୍ଥିକ୍ ବଛର୍ ଲାଗି ଅତିରିକ୍ତ ବ୍ୟୟମଞ୍ଜୁରୀ ବିଧେୟକ୍ ଆଗତ୍ କରିଛନ୍ । ମୁଖ୍ୟମନ୍ତ୍ରୀ ବିଲ୍ ଉପସ୍ଥାପନ୍ କର୍‌ବାର୍ ଉତ୍‌ରୁ ଗୃହ ନ ତାର୍ ଉପ୍‌ରେ ଆଲୋଚନା ଚାଲିଛେ । ଆଲୋଚନାଥି ବିରୋଧୀ ଦଲ୍ ତର୍‌ଫୁ ସଦସ୍ୟ ଅରୁଣ୍ କୁମାର୍ ସାହୁ, ରାମଚନ୍ଦ୍ର କାଡ଼ାମ୍, ପ୍ରସନ୍ନ ଆଚାର୍ଯ୍ୟ, ନିରଞ୍ଜନ୍ ପୂଜାରୀ, ସୋଫିଆ ଫିର୍ଦୋସ ପ୍ରମୁଖ ଭାଗ୍ ନେଇଛନ୍ । ଶାସକ୍ ଦଲ୍ ତର୍‌ଫୁ ବିଧାୟକ ଟଙ୍କଧର୍ ତ୍ରିପାଠୀ, ଲକ୍ଷ୍ମଣ ବାଗ୍, ସୁଧୀର୍ ରଞ୍ଜନ୍ ପାଟଯୋଷୀ, ଉପାସନା ମହାପାତ୍ର ପ୍ରମୁଖ ଭାଗ୍ ନେଇଛନ୍ । ଇ ଅବ୍‌ସରେ ଶାସକ ଦଲର୍ ବିଧାୟକ୍‌ମାନେ କହିଛନ୍, କେନ୍ଦ୍ର ନ ନରେନ୍ଦ୍ର ମୋଦୀ ସର୍‌କାର୍ ଆସ୍‌ବାର୍ ଉତ୍‌ରୁ ରାଏଜେ ଖଣି ଆଇନ୍‌ଥି ସଂସ୍କାର୍ ଆସିଛେ । ସେନ୍ତା ରାଏଜେ ବିଜେପି ସର୍‌କାର୍ ଆଏବାର୍ ଉତ୍‌ରୁ ଅପପୁଷ୍ଟି ହାର କମିଛେ, ୨୨ ହଜାର୍ ପ୍ରାଥମିକ ଶିକ୍ଷକଙ୍କୁ ନିଯୁକ୍ତି ଦିଆଯାଇଛେ । ଛାତ୍ରଛାତ୍ରୀଙ୍କର୍ ଲାଗି ପ୍ରିମେଟିକ୍ ଛାତ୍ରବୃତି ବଢ଼ାଯାଇଛେ ବଲି ବିଧାୟକ୍‌ମାନେ କହିଛନ୍ । ଆଲୋଚନା ଶେଷ୍ ହେବାର୍ ଉତ୍‌ରୁ ମୁଖ୍ୟମନ୍ତ୍ରୀ ଗୃହ ନ ଉତର୍ ରଖ୍‌ବେ । ତାର୍ ଉତ୍‌ରୁ ୧୭ ହଜାର୍ ୭ ଶହ ୪୦ କୋଟି ଟଙ୍କାର୍

ଅତିରିକ୍ତ ବଜେଟ୍ ଗୃହ ନ ମଞ୍ଜୁରୀ ହେବା ବଲି ଆମର୍ ସମ୍ବାଦଦାତା ସୂଚ୍ନା ଦେଇଛନ୍ ।

ବିଧାନ୍ସଭା-ମୁଖ୍ୟମନ୍ତ୍ରୀ        ହି.ସ.

ବିଧାନ୍ସଭା ନ ଆଏଜ୍ ପ୍ରଶ୍ନକାଲ ସମିଆଥି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଭିନ୍ ଭିନ୍ ପ୍ରସଙ୍ଗ ଉପ୍ରେ ଲିଖିତ୍ ଉତର୍ ରଖିଛନ୍ । ମୁଖ୍ୟମନ୍ତ୍ରୀ ଉତର୍ଥି କହିଛନ୍, ରାଏଜେ ନୂଆଁ ସର୍କାର୍ ଦୁର୍ନୀତିଗ୍ରସ୍ତ ମାନ୍କର୍ ଉପ୍ରେ କଡ଼ା କାର୍ଯ୍ୟାନୁଷ୍ଠାନ୍ ନଉଛନ୍ । ଗଲା ଦେଢ଼୍ ବଛର୍ ଭିତ୍ରେ ୨୦ ଝନ୍ ପୁଲିସ୍ ଅଧିକାରୀମାନ୍କୁ ଭିଜିଲାନ୍ସ ଗିରଫ୍ କରିଛେ । ୨ ଶହ ୭୧ ଝନ୍ ସର୍କାରୀ କର୍ମଚାରୀ ଭିନ୍ ଭିନ୍ ମାମ୍ଲାଥି ଗିରଫ୍ ହେଇଥିଲା ବେଲ୍କେ ଶହେ ୭୪ ଝନ୍ ଭିଜିଲାନ୍ସ କୋର୍ଟ ନ ଦୋଷୀ ସାବ୍ୟସ୍ତ ହେଇଛନ୍ । ୩୩ ଝନ୍କୁ ଚାକିରୀ ନୁ ବାହାର୍ କରାଯାଇଛେ ଆଉ ୬୫ ଝନ୍କର୍ ପେନ୍ସନ୍ ବନ୍ଦ୍ କରାଯାଇଛେ ବଲି ମୁଖ୍ୟମନ୍ତ୍ରୀ କହିଛନ୍ । ଆଉ ଗୁଟେ ପ୍ରଶ୍ନର୍ ଉତର୍ଥି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍, ଗଲା ଦେଢ଼୍ ବଛର୍ ଭିତ୍ରେ ରାଏଜେ ୧୨ ଝନ୍ ମାଓବାଦୀ ଆତ୍ମସମର୍ପଣ୍ କରିଛନ୍ ଆଉ ୨୧ ଝନ୍କର୍ ଏନ୍କାଉଂଟର୍ କରାଯାଇଛେ । ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍, ଗଲା ୧୦ ବଛର୍ ଭିତ୍ରେ ରାଏଜେ ରଣ୍ ଭାର ୩ ଗୁନ୍ ବଢ଼ିଛେ । ୨୦୧୩ -୧୪ ବଛ୍ରେ ଓଡ଼ିଶାର୍ ମୋଟ୍

ଋଣ ଭାର ୩୮ ହଜାର୍ ୬ ଶହ ୬୬ ଟଙ୍କା ଥିଲା ବେଳ୍‌କେ ୨୦୨୪-୨୫ଥି ଇଟା ୧ ଲାଖ୍ ୨୦ ହଜାର୍ ୭ ଶହ ୧୦ କୋଟିକେ ପହଁଚିଛେ । ଋଣ କମ୍ କରବାର୍ ଲାଗି ସର୍‌କାର୍ ବହୁତ୍‌ଟେ ପଦକ୍ଷେପ୍ ମୁଲ୍ କରିଛନ୍ ବଲି ମୁଖ୍ୟମନ୍ତ୍ରୀ କହିଛନ୍ ।

କୋଣାର୍କ ସୂର୍ଯ୍ୟମନ୍ଦିର୍ -ବାଲି ଏକ୍ସ

ଭାରତୀୟ ପ୍ରତ୍ନତତ୍ୱ ବିଭାଗ୍ ତର୍‌ଫୁ କୋଣାର୍କ ସୂର୍ଯ୍ୟମନ୍ଦିର୍ ନୁ ବାଏଲ୍ କାଢ଼୍‌ବାର୍ ପ୍ରକ୍ରିୟା ମୁଲ୍ ହେଇଛେ । ପହେଲା ମନ୍ଦିର୍ କାନ୍ଥିର୍ ଥିତି ଜାନ୍‌ବାର୍ ଲାଗି ୧୭ ଇଂଚ୍‌ର କୋର୍ ଡ୍ରିଲିଂ କରାଯାଇଛେ । ପଶ୍ଚିମ ଭାଗେ ୮୦ ଫୁଟ୍ ଉଛାକେ ଥିବା ଗର୍ଭଗୃହ ନ ୪ ଫୁଟିଆ ଟନେଲ୍ ତିଆର୍ କାମ୍ ଭିଲ୍ ମୁଲ୍ ହେଇଛେ । ପହେଲା ପିଢ଼ିର୍ କାନ୍ଥିଥି ପ୍ରତ୍ନତତ୍ୱ ବିଭାଗ୍ ତର୍‌ଫୁ ଡିଲିଂ ମୁଲ୍ କରାଯାଇଛେ ।

ପି.ଆଇ.ବି. ଏଡିଜି-ସମ୍ବଲ୍‌ପୁର ଗସ୍ତ ଆର୍‌ଏନ୍‌ୟୁ/ ସମ୍ବଲପୁର

ଭାରତ୍ ସର୍‌କାର୍‌ଙ୍କର୍ ପତ୍ର ସୂଚନା କାର୍ଯ୍ୟାଳୟ, ଭୁବ୍‌ନେଶ୍ୱର୍ ଶାଖାର ଅତିରିକ୍ତ ମହାନିର୍ଦ୍ଦେଶକ ଅଖିଳ କୁମାର ମିଶ୍ର

ଆଏଜ୍ ସମ୍ବଲପୁର୍ ଗସ୍ତଥି ଆସିକରି ଦୂରଦର୍ଶନ୍, ଆକାଶବାଣୀ ସମ୍ବଲପୁର୍ କେନ୍ଦ୍ର ଆଉ କେନ୍ଦ୍ରୀୟ ସଂଚାର୍ ବ୍ୟୁରୋର କ୍ଷେତ୍ର ପ୍ରଚାର୍ କାର୍ଯ୍ୟାଳୟ, ସମ୍ବଲପୁର ପରିଦର୍ଶନ କରିଛନ୍ । ଇ ଅବ୍ସରେ ଶ୍ରୀ ମିଶ୍ର ଦୂରଦର୍ଶନ୍, ଆକାଶ୍‌ବାଣୀ ଆଉ କ୍ଷେତ୍ରପ୍ରଚାର୍ କାର୍ଯ୍ୟାଳୟର୍ ଅଧିକାରୀ ଆର୍ କର୍ମଚାରୀମାନ୍‌କୁ ଭେଟି କରି କାମ୍‌କାଜ୍‌ର ସମୀକ୍ଷା କରିଛନ୍ । ଆକାଶ୍‌ବାଣୀ ସମ୍ବଲ୍‌ପୁର୍ କେନ୍ଦ୍ରନୁ ପ୍ରସାରିତ ହେଉଥିବା ସମ୍ବଲପୁରୀ ଆଂଚଲିକ ସମ୍ବାଦ ସହେତେ ଅଲ୍‌ଗା କାର୍ଯ୍ୟକ୍ରମ ବାବ୍‌ଦେ ଆଲୋଚନା କରିକରି ପ୍ରଶଂସା କରିଛନ୍ । ଆଲୋଚନା ସମିଆଥି ଆକାଶ୍‌ବାଣୀ କେନ୍ଦ୍ରର ନିର୍ଦ୍ଦେଶକ ଅଭିଯାନ୍ତ୍ରିକି ମୁଖ୍ୟ ସନ୍ତୋଷ କୁମାର୍ ପ୍ରଧାନ୍, କାର୍ଯ୍ୟକ୍ରମ୍ ମୁଖ୍ୟ ମନୀଷ ଭଟ୍ଟାଚାର୍ଯ୍ୟୀ, ବାର୍ତା ସମ୍ପାଦକ୍ ଆଲୋକ ଚନ୍ଦ୍ର ବାରିକ୍, କାର୍ଯ୍ୟକ୍ରମ ନିଷ୍ପାଦକ ସନ୍ତୋଷ ପିଙ୍ଗ୍, କ୍ଷେତ୍ରମଣି ବିଭାର ପ୍ରମୁଖ ଉପସ୍ଥିତ ଥିଲେ ।

କଟକ୍ ବାର୍‌ବାଟୀ - ଟି-ଟ୍ୱେଂଟି କଟକ୍ ସମ୍ବାଦଦାତା

କଟକ୍ ବାର୍‌ବାଟୀ ଷ୍ଟାଡ଼ିୟମ୍ ନ ଆଏବା କାଏଲ୍ ଭାରତ୍ ଆଉ ଦକ୍ଷିଣ୍ ଆଫ୍ରିକା ଭିତ୍‌ରେ ଟି-ଟ୍ୱେଂଟି କ୍ରିକେଟ୍ ମେଚ୍ ଖେଲାଯିବା । ଆଏଜ୍ ମଏଧାନର୍ ଦେଢ୍ ବଜେନୁ ଭାରତୀୟ ଦଲ୍ ଷ୍ଟାଡ଼ିୟମ୍ ନ ନେଟ୍ ଅଭ୍ୟାସ୍ କରିଥିଲା ବେଲେ ଉପର୍‌ବେଲା ସାଢ଼େ ୫ ବଜେ ଦକ୍ଷିଣ ଆଫ୍ରିକା ଦଲ୍ ଅଭ୍ୟାସ୍

କରିଥିଲେ । ଗେଲେରୀ ନମ୍ବର୍ ୫ ଆଉ ୬ ଥି ଦର୍ଶକ୍‌ମାନେ ଖେଲାଲିମାନ୍‌କର୍ ଅଭ୍ୟାସ୍ ଦେଖିବାର୍ ସୁଯୋଗ୍ ପାଇଛନ୍ ।

ଭାରତୀୟ ଦଲର୍ ମେଚ୍ ତୟାରି ବାବ୍‌ଦେ ଅଧିନାୟକ୍ ସୂର୍ଯ୍ୟକୁମାର୍ ଯାଦବ୍ ଗଣମାଧ୍ୟମ୍‌କେ ସୂଚ୍‌ନା ଦେଇକରି କହିଛନ୍, ବାରବାଟୀ ନ ବହୁତ୍ ଆଘୋନୁ ଘରୋଇ ମେଚ୍ ଖେଲ୍‌ବାର୍ ଦଲର୍ ଅନୁଭୂତି ରହିଛେ । ଇ ମେଚ୍‌କେ ନେଇକରି ଭାରତୀୟ ଦଲ୍ ଗଲାବଛର୍‌ଠାନୁ ତୟାରି ମୁଲ୍ କରିସାରିଛେ । ସବୁ ଖେଲାଲି ନିଜର୍ ତୟାରି ଉପ୍‌ରେ ଜୋର୍ ଦେଇଛନ୍ ବଲି ସୂର୍ଯ୍ୟକୁମାର୍ କହିଛନ୍ ।

(ଭଏସ୍ ଓଭର୍- ସୂର୍ଯ୍ୟକୁମାର୍)

କ୍ରିକେଟ୍ ମେଚ୍‌କେ ନେଇକରି କମିଶନରେଟ୍ ପୁଲିସ୍ ତର୍‌ଫୁ କଡ଼ା ସୁରକ୍ଷା ବ୍ୟବସ୍ଥା କରାଯାଇଛେ । ଇଥିର୍‌ଲାଗି ୫୦ ପ୍ଲାଟୁନ୍ ଫୋର୍ସ ଆଉ ୩ ଶହ ପୁଲିସ୍ ଅଧିକାରୀ ନିୟୋଜିତ ହେଇଛନ୍ ।

ଫଲ୍ ବଜାର୍ ନିଆଁ        ବଲାଙ୍ଗିର୍ ସମ୍ବାଦଦାତା

ବଲାଙ୍ଗିର୍ କଚ୍‌ରୀ ଛକ୍ ପାଖେ ଥିବା ଫଲ୍ ବଜାର୍ ନ ଆଏଜ୍ ନିଆଁ ଲାଗିକରି ୫୦ ନୁ ଅଏତ୍‌କା ଦୁକାନ୍ ପୁଡ଼ି ଯାଇଛେ । ବଜାର୍ ପଛ୍‌ଆଡ଼େ ଥିବା କଚ୍‌ଡ଼ା ଗଦାନୁ ନିଆଁ ଲାଗିକରି ଦୁକାନ୍‌ମାନେ ପୁଡ଼ିଥିବା ଜନାପଡ଼ିଛେ । ଖବର୍ ପାଇକରି ୨

ଟା ଦମ୍‌କଲ୍‌ଗାଡ଼ି ଆସିକରି ନିଆଁ ଲିଭେଇଥିଲା । ହେଲେ ସେତେବେଲ୍‌ତକ୍ ୮୦ ଭାଗ୍ ପୁଡ଼ି ଯାଇଥିଲାନ । ଇଥି ଫଲ୍ ବଜାର୍‌ର ବହୁତ୍ ଟନ୍ ଫଲ୍ ଆଉ ଦୁକାନ୍ ପୁଡ଼ିଯାଇଛେ । ଖବର୍ ପାଇକରି ଜିଲ୍ଲାପାଲ୍ ଗୌରବ୍ ଶିୱାଜୀ ଇସାଲ୍‌ୱାର୍ ଆର୍ ପୌରାଧକ୍ଷା ଲିକା ସାହୁ ପୁହୁଁଚିକରି ସ୍ଥିତିର୍ ଅନୁଧାନ୍ କରିଥିଲେ । ନୁକ୍‌ସାନ୍ ବାବ୍‌ଦେ ଯାଂଚ୍ କର୍‌ବାର୍ ଉତ୍‌ରୁ କ୍ଷତିଗ୍ରସ୍ତ ଦୁକାନୀ ମାନ୍‌କୁ ସାହାଜ୍ ଯୁଗେଇ ଦିଆଯିବା । ବଜାର୍ ନ ବାର୍ ବାର୍ ନିଆଁ ଲାଗୁଥିବାର୍‌ନୁ ଆଗ୍‌କେ ଯେନ୍ତା ଏନ୍ତା ଘଟ୍‌ନା ନାଇଁ ଘଟ୍‌ବା ସେ ଦିଗେ ପଦକ୍ଷେପ୍ ନେବାର୍‌କେ ପୌରାଧକ୍ଷା କହିଛନ୍ ।

ମୁଖ୍ୟମନ୍ତ୍ରୀ- ଅନୁକମ୍ପା ସାହାଜ୍ ହି.ସ.

ସୁନ୍ଦର୍‌ଗଡ଼୍ ଜିଲ୍ଲା ରାଜ୍‌ଗାଙ୍ଗ୍‌ପୁର୍ ନ ପୁଡ଼ିକରି ଜୀବନ୍ ଯାଇଥିବା ଛାତ୍ରୀଙ୍କର୍ ଲାଗି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଶୋକପ୍ରକାଶ୍ କରିଛନ୍ । ତାଙ୍କର୍ ପରିବାର୍ ଲୁକ୍‌କୁ ସମବେଦନା ଜନାବାର୍ ସହେତେ ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିନୁ ୪ ଲାଖ୍ ଟଙ୍କାର ଅନୁକମ୍ପା ସାହାଜ୍ ଘୋଷ୍‌ନା କରିଛନ୍ ।

ମିଲିତ୍ ଜନ ଅଭିଯୋଗ୍ ଶୁଣାଣି ସମ୍ବଲପୁର/ସୁବର୍ଣ୍ଣପୁର/ବର୍‌ଗଡ଼୍/ବୌଦ୍ଧ/ନୂଆପଡ଼ା

ପଶ୍ଚିମ ଓଡ଼ିଶାର୍ ଭିନ୍ ଭିନ୍ ଜିଲ୍ଲା ନ ମିଲିତ୍ ଜନ ଅଭିଯୋଗ୍ ଶୁଣାଣି ଆଏଜ୍ ହେଇଯାଇଛେ ।

ସମ୍ବଲପୁର୍ ଜିଲ୍ଲା ନାକଉଟିଦେଉଲ୍ ବ୍ଲକ୍ କାର୍ଯ୍ୟାଳୟ ନ ଜନଶୁଣାଣି ଶିବିର୍ ହେଇଛେ । ଶିବିର୍‌ଥି ୫୭ଟା ଅଭିଯୋଗ୍ ଆସିଥିବାର୍ ବେଲେ ୧୩ ଟା ଅଭିଯୋଗ୍‌ର ତୁର୍ତି ସମାଧାନ୍ କରାଯାଇଥିଲା ।

ବରଗଡ଼୍ ଜିଲ୍ଲା ଝାର୍‌ବନ୍ଧ ପଂଚାୟତ୍ ସମିତି କାର୍ଯ୍ୟାଳୟ ନ ହେଇଥିବା ଜନଶୁଣାଣି ଶିବିର୍‌ଥି ୯୪ ଟା ଅଭିଯୋଗ୍ ଆସିଥିଲା । ଶିବିର୍‌ଥି ଖାସ୍ କରି ଧାନ୍ ଘିନା ବାବଦ୍ ବହୁତ୍‌ଟେ ଅଭିଯୋଗ୍ ଆସିଥିଲା ।

ବୌଦ୍ଧ ଜିଲ୍ଲା ହର୍‌ଭଙ୍ଗା ବ୍ଲକ୍ କାର୍ଯ୍ୟାଳୟ ଠାନେ ଜନଶୁଣାଣି ଶିବିର ହେଇଯାଇଛେ । ଶିବିର୍‌ଥି ୯୦ ଟା ଅଭିଯୋଗ୍ ଆସିଥିବାର୍ ବେଲେ ୪୭ ଟା ଅଭିଯୋଗ୍‌ର ତୁର୍ତି ସମାଧାନ୍ କରାଯାଇଥିଲା ।

ନୂଆପଡ଼ା ଜିଲ୍ଲା କୋମ୍‌ନା ବ୍ଲକ୍ ସଭା ନ ଗୃହ ନ ହେଇଥିବା ଜନଶୁଣାଣି ଶିବିର୍‌ଥି ୫୧ ଟା ଅଭିଯୋଗ୍ ଆଗତ୍ ହେଇଥିଲା ।

ସୁବର୍ଣ୍ଣପୁର୍ ଜିଲ୍ଲା ଉଲୁଣ୍ଡା ବ୍ଲକ୍ ସିଣ୍ଢୋଲ୍ ପଂଚାୟତ୍ କାର୍ଯ୍ୟାଳୟ ନ ହେଇଥିବା ଜନଶୁଣାଣି ଶିବିର୍‌ଥି ୫୧ ଟା ଅଭିଯୋଗ୍ ଆସିଥିଲା । ଇ ଅବ୍‌ସରେ ସିଣ୍ଢୋଲ୍ ଗାଁର୍ ୫ନେ ଭିନ୍ନକ୍ଷମ ପିଲାକେ ଜିଲ୍ଲାପାଲ୍ ହ୍ୱିଲ୍‌ଚେୟାର୍ ଯୁଗେଇ ଦେଇଥିଲେ ।

ଶିବିର୍ ମାନ୍‌କେ ଜିଲ୍ଲାପାଲ୍ ଆର୍ ଆରକ୍ଷୀ ଅଧିକ୍ଷକ ମାନେ ଅଭିଯୋଗ୍ ମାନ୍‌କୁ ଗ୍ରହଣ୍ କରିକରି ତୁର୍‌ତି ସମାଧାନ୍ କର୍‌ବାର୍‌କେ ବିଭାଗୀୟ ଅଧିକାରୀମାନ୍‌କୁ ନିର୍ଦ୍ଦେଶ୍ ଦେଇଛନ୍ ।

ସ୍ମାର୍ଟ ଇଣ୍ଡିଆ ହାକାଥନ      ଝାର୍‌ସୁଗୁଡ଼ା ସମ୍ବାଦଦାତା

ରାଉର୍‌କେଲା ବିଜୁ ପଟ୍ଟନାୟକ୍ ବୈଷୟିକ ବିଶ୍ୱବିଦ୍ୟାଳୟ ନ ଆଏଜ୍ ୩୬ ଘଂଟିଆ ସ୍ମାର୍ଟ ଇଣ୍ଡିଆ ହାକାଥନ୍ -୨୦୨୫ ଉଦ୍‌ଯାପନୀ ସମାରୋହ ଚାଲିଛେ । ଇଥି ଓଡ଼ିଶା ସହେତେ ୧୦ ଟା ରାଜ୍ୟର୍ ଶହେ ୫୦ ନୁ ଅଏତ୍‌କା ଛାତ୍ରଛାତ୍ରୀ ଆଉ ସେମାନ୍‌କର୍ ପରାମର୍ଶଦାତାଙ୍କର୍ ୨୫ ଟା ଦଲ୍ ଭାଗ୍ ନେଇଛନ୍ । ଇ ଦଲ୍‌ମାନେ କୃଷି ଆଉ କୃଷକ୍ କଲ୍ୟାଣ୍ ମନ୍ତ୍ରଣାଳୟ ଆଉ ଶିକ୍ଷା ମନ୍ତ୍ରଣାଳୟ ତର୍‌ଫୁ ଚିହ୍ନଟ୍ କରାଯାଇଥିବା ୫ ଟା ବୈଶ୍ୱିକ୍ ବାସ୍ତବ୍ ସମସ୍ୟା ସମାଧାନ୍ ଦିଗେ କାମ୍ କର୍‌ବେ । କାର୍ଯ୍ୟକ୍ରମ୍ ଗଲାକାଏଲ୍ ଉଦ୍‌ଘାଟିତ୍ ହେଇଥିଲା ।

ରାତ୍ରୀ ଆଶ୍ରୟ କେନ୍ଦ୍ର     ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ଖଡ଼ିଆଲ୍ ଏନ୍ଏସି ତର୍ଫୁ ଶୀତ୍ଦିନିଆ ରାତ୍ରୀ ଆଶ୍ରୟ କେନ୍ଦ୍ର ଥାପ୍ନା କରାଯାଇଛେ । କେନ୍ଦ୍ର ନ ମାନସିକ ରୋଗୀ ମାନ୍କର୍ ଲାଗି ଭିଲ୍ ବ୍ୟବସ୍ଥା କରାଯାଇଛେ । ଶୀତ୍ ଦିନେ ବେସାହାରା ହେଇକରି ଇଆଡ୍ସିଆଡ୍ ବୁଲୁଥିବା ଲୁକ୍କୁ ଇ ଆଶ୍ରୟକେନ୍ଦ୍ର ନ ରଖାଯାଉଛେ ।

ପାଣିପାଗ ଆର୍ଏନ୍ୟୁ/ ସମ୍ବଲପୁର

ରାଜ୍ୟକେ ଉତର୍ ପଶ୍ଚିମ ଦିଗୁ ଶୁଖା ଥଣ୍ଡା ପବନ୍ ଆସୁଥିବାର୍ନୁ ରାତିର୍ ତାପମାତ୍ରା କମ୍ ହେବାର୍କେ ଲାଗିଛେ । ଆଏବା ୨୪ ଘଂଟା ଭିତ୍ରେ ଝାର୍ସୁଗୁଡ଼ା, ସୁନ୍ଦର୍ଗଡ୍ ଆର୍ ଅନୁଗୁଲ୍ ନ ଜବର୍ ଥଣ୍ଡା ହେବା । ସୁନ୍ଦର୍ଗଡ୍ ଆଉ କନ୍ଧମାଲ୍ ନ ବହଲିଆ କୁହୁଡ଼ି ଆଉ କୋରାପୁଟ୍ ନ ହାଲ୍କା ନୁ ମଧ୍ୟମ୍ ଧରଣ୍ର କୁହୁଡ଼ି ହେବା ବଲି ଭୁବ୍ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍ଫୁ ଅନୁମାନ୍ କରାଯାଇଛେ । ଗଲାରାତି ଦାରିଙ୍ଗ୍ବାଡ଼ି ନ ରାତିର୍ ତାପମାତ୍ରା ଇ ବଛର୍ ସବୁନୁ କମ୍ ୪ ଦଶ୍ମିକ୍ ୪ ଡିଗ୍ରୀ ସେଲ୍ସିଅସ୍ ରେକର୍ଡ଼ କରାଯାଇଛେ ।